# Akashvani, Sambalpur

## SAMBALPURI NEWS BULLETIN

### 1 January 2026 – 6.47- 6.52 am.

***********************************************

ନୂଆଁ ବଛର୍ ଅଭିନନ୍ଦନ          ପିଆଇବି/I&PR

ସାରା ରାଏଜେ     ଆଏଜ୍ ଇଂରାଜୀ ନୂଆଁ ବଛର୍ ୨୦୨୬ ବହୁତ୍ ଉସ୍ନାକିଥି ପାଳନ କରାଯାଉଛେ । ଇ ଅବସ୍ରେ ଗଲା ଅଧାରାତି ନୁ ନୂଆଁ ବଛର୍କେ ସ୍ୱାଗତ୍ ଜନେଇ କରି ଭିନ୍ ଭିନ୍ ଅନୁଷ୍ଠାନ, ସଂଗଠନ, ବ୍ୟକ୍ତିବିଶେଷଙ୍କର ତରଫୁ କାର୍ଯ୍ୟକ୍ରମ ମାନ୍ ଆୟୋଜନ୍ କରାଯାଇଛେ । ଆଏଜ୍ ଭୋର୍ନୁ ଲୁକେ ଭିନ୍ ଭିନ୍ ଦେବାଦେବୀଙ୍କର ମନ୍ଦିର ଯାଇ କରି ସେନ ପୂଜାର୍ଚ୍ଚନା କରୁଛନ୍ । ଇତାର୍ ଛଡ଼ା  ଲୁକେ ନିଜର୍ ନିଜର୍ ଭିତ୍ରେ ନୂଆଁ ବଛର୍ର ଅଭିନନ୍ଦନ ଦିଆନିଆ କରୁଛନ୍ । ନୂଆବଛର୍ ଅବ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇକରି ନୂଆବଛର୍ ନୂଆ ଶକ୍ତି ଆଉ ସକାରାତ୍ମକ ପରିବର୍ତନ୍‌ର ପ୍ରତୀକ୍ ହଉ ବଲି କହିଛନ୍ । ଇ ବଛର୍ ଆତ୍ମନିର୍ଭର୍ ଆଉ ନୂଆ ସଂକଳ୍ପର୍ ବଛର୍ ହଉ ବଲି ରାଷ୍ଟ୍ରପତି କହିଛନ୍ ।

ନୂଆଁ ବଛର୍ ଅଭିନନ୍ଦନ          ପିଆଇବି/I&PR

ସାରା ରାଏଜେ ଆଏଜ୍ ଇଂରାଜୀ ନୂଆଁ ବଛର୍ ୨୦୨୬ ବହୁତ୍ ଉସ୍ନାକିଥି ପାଲନ କରାଯାଉଛେ । ଇ ଅବସ୍ରେ ଗଲା ଅଧାରାତି ନୁ ନୂଆଁ ବଛର୍କେ ସ୍ୱାଗତ୍ ଜନେଇ କରି ଭିନ୍ ଭିନ୍ ଅନୁଷ୍ଠାନ, ସଂଗଠନ, ବ୍ୟକ୍ତିବିଶେଷଙ୍କର ତରଫୁ କାର୍ଯ୍ୟକ୍ରମ ମାନ୍ ଆୟୋଜନ୍ କରାଯାଇଛେ । ଆଏଜ୍ ଭୋର୍ନୁ ଲୁକେ ଭିନ୍ ଭିନ୍ ଦେବାଦେବୀଙ୍କର ମନ୍ଦିର ଯାଇ କରି ସେନ ପୂଜାର୍ଚ୍ଚନା କରୁଛନ୍ । ଇତାର୍ ଛଡ଼ା ଲୁକେ ନିଜର୍ ନିଜର୍ ଭିତ୍ରେ ନୂଆଁ ବଛର୍ର ଅଭିନନ୍ଦନ ଦିଆନିଆ କରୁଛନ୍ । ଶ୍ରୀକ୍ଷେତ୍ର ପୁରୀ ନ ନୂଆଁ ବଛର୍ ଲାଗି ପର୍ଯ୍ୟଟକଙ୍କର ଭିଡ଼ ଲାଗି ରହିଛେ । ଶ୍ରୀମନ୍ଦିର ନ ରାତି ୧୨ ବଜେନୁ ମନ୍ଦିର୍ ନ ଭକ୍ତମାନେ ଶ୍ରୀ ଜୀଉମାନ୍କର୍ ଦର୍ଶନ୍ କରୁଛନ୍ । ଶୃଙ୍ଖଲିତ ଦର୍ଶନ୍ ଲାଗି ଜିଲ୍ଲା ପ୍ରଶାସନ ତରଫୁ ସବୁ ରକ୍ମର୍ ବ୍ୟବସ୍ଥା କରାଯାଇଛେ ।

ନୂଆବଛର୍ ଅବ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନେଇକରି ନୂଆବଛର୍ ନୂଆ ଶକ୍ତି ଆଉ ସକାରାତ୍ମକ ପରିବର୍ତନ୍ର ପ୍ରତୀକ୍ ହଉ ବଲି କହିଛନ୍ ।ଇ ବଛର୍ ଆତ୍ମନିର୍ଭର୍ ଆଉ ନୂଆ ସଂକଳ୍ପର୍ ବଛର୍ ହଉ ବଲି ରାଷ୍ଟ୍ରପତି କହିଛନ୍ ।

ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମପାଟି ରାଜ୍ୟବାସୀଙ୍କୁ ନୂଆବଛରର୍ ଶୁଭେଚ୍ଛା ଜନେଇକରି ଇ ବଛର୍ ସମ୍କର୍ ଜୀବ୍ନେ ହସ, ଖୁସି, ଶାନ୍ତି ଆଉ ସମୃଦ୍ଧି ଭରିଦଉ ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଁ ବଛର୍ ଅବସ୍‌ରେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜନେଇକରି ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ସଭେ ସଂକଳ୍ପବଦ୍ଧ ହେଇକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜନେଇକରି ୨୦୨୬ ବିକଶିତ ଓଡ଼ିଶା ସଂକଳ୍ପଥି ଗୁଟେ ନୂଆ ସମ୍ଭାବନାର୍ ବଛର୍ ହଉ ବଲି କହିଛନ୍ ।

ନୂଆବଛର୍-ଶ୍ରୀମନ୍ଦିର୍ ତୟାରି I&PR

ଇଂରାଜୀ ନୂଆବଛର୍ ଅବ୍‌ସରେ ମାହାପୁରୁମାନ୍‌କର୍ ଦର୍ଶନ୍ ଲାଗି ପୁରୀ ଶ୍ରୀମନ୍ଦିର୍ ନ ଗଲାକାଏଲ୍‌ଠାନୁ ଶ୍ରଦ୍ଧାଳୁଙ୍କର୍ ଭିଡ଼୍ ଲାଗି ରହିଛେ । ଇଥିର୍‌ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜବର୍ ତୟାରି କରାଯାଇଛେ । ନୂଆବଛର୍ ଲାଗି ଗଲା ରାତି ୧୧ ବଜେନୁ ୨ ବଜେତକ୍ ମାହାପୁରୁମାନ୍‌କର୍ ପହୁଡ଼୍ ନୀତି କରାଯାଇଥିଲା । ୨ ବଜେ ଦ୍ୱାରଫିଟା ନୀତି କରାଯାଇକରି ଭକ୍ତମାନ୍‌କର୍ ଦର୍ଶନ୍ ଲାଗି ମନ୍ଦିର୍ ଖୁଲାଯାଇଥିଲା ।

ମୁଖ୍ୟ ଶାସନ ସଚିବ ପୁରୀ ସମ୍ବାଦଦାତା/ଏକ୍ସ

ମୁଖ୍ୟ ଶାସନ ସଚିବ ଭାବେ ଅନୁ ଗର୍ଗଙ୍କର ନୂଆ ନିଯୁକ୍ତି ଉତ୍‌ରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ କୃଷି ବିଭାଗ ପ୍ରମୁଖ ସଚିବ ଡକ୍ଟର

ଅରବିନ୍ଦ ପାଢ଼ୀ ନୂଆ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ପଦୋନ୍ନତି ପାଇଛନ୍ । ଶ୍ରୀ ପାଢ଼ୀ ଆଏଜ୍‌ଠାନୁ ଇ ଦାୟିତ୍ୱ ନେବେ ।

ମଡ଼ିଆ-ଶ୍ରୀଅନ୍ନ ଅଭିଯାନ I&PR

ରାଏଜେ ଶ୍ରୀଅନ୍ନ ଅଭିଯାନ୍ ଜରିଏ ଆଏଜ୍‌ଠାନୁ ମଡ଼ିଆ ଘିନା ମୁଲ୍ ହେବା । ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ୍‌ତକ୍ ଚାଲ୍‌ବା । ଇ ବଛର୍ କ୍ୱିଂଟାଲ୍ ପିଛା ୪ ହଜାର୍ ୮ ଶହ ୮୬ ଟଙ୍କା ଦର୍‌ଥି ସର୍‌କାର୍ ମଡ଼ିଆ ଘିନ୍‌ବେ । ମଡ଼ିଆ ବିକ୍‌ଲା ଉତ୍‌ରୁ ଚାଷୀମାନେ ଆଧାର୍ ଲିଙ୍କ୍ ଥିବା ବେଙ୍କ୍ ଖାତା ଜରିଏ ନିଜର୍ ପ୍ରାପ୍ୟ ପାଇପାର୍‌ବେ । ଇ ବାବ୍‌ଦେ ଅଏତ୍‌କା ଜାନ୍‌ବାର୍ ଲାଗି ଚାଷୀମାନେ ପାଖର୍ ବ୍ଲକ୍ କୃଷି ଅଧିକାରୀଙ୍କର୍ ସାଙ୍ଗେ ଯୋଗାଯୋଗ୍ କରିପାର୍‌ବେ ବଲି କୃଷି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ ସଡ଼କ ସୁରକ୍ଷା ମାସ I&PR

ସଡ଼କ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍‌ଠାନୁ ଜାତୀୟ ସଡ଼କ ସୁରକ୍ଷା ମାସ-୨୦୨୬ ମୁଲ୍ ହେଉଛେ । ଅଭିଯାନ ଜାନୁୟାରୀ ୩୧ ତାରିଖ୍‌ତକ୍ ଚାଲ୍‌ବା । ଇ ବଛର୍ ଜାତୀୟ

ସଡ଼କ ସୁରକ୍ଷା ମାସର୍ ବାର୍ତା ରହିଛେ 'ସଚେତନତାନୁ ସୁରକ୍ଷା, ପ୍ରଯୁକ୍ତିନୁ ପରିବର୍ତନ୍' । ଇ ଅବ୍ସରେ ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି ସଡ଼କ ସୁରକ୍ଷା ଦିଗେ ସଭେ ସଚେତନ୍ ହେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ପୁରୀ ହେଲା ମହାନଗର ନିଗମ I&PR

ରାଜ୍ୟ ସରକାର ପୁରୀ ପୌରପାଳିକାକେ ମହାନଗର ନିଗମ୍ ଭାବେ ରୁପାନ୍ତରିତ୍ କରିଛନ୍ । ଇତାର୍ ସହେତେ ରାଜ୍ୟର ୪ଟା ସହର ଲୋଇସିଂହା, ଚଣ୍ଡିଖୋଲ, ଯଶୀପୁର ଆଉ ବସ୍ତା'କେ ବିଜ୍ଞପିତ ଅଂଚଲ ପରିଷଦ୍ ମାଏନ୍‌ତା ଦେଇଛନ୍ । ଇ ବାବ୍‌ଦେ ଗଲାକାଏଲ୍ ରାଜ୍ୟ ଗୃହ ନିର୍ମାଣ ଆଉ ନଗର ଉନ୍ନୟନ ବିଭାଗ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସେନ୍ତା ବ୍ରହ୍ମପୁର ମହାନଗର ନିଗମ୍‌ର ଅଂଚଲ୍‌କେ ସମ୍ପ୍ରସାରଣ କର୍‌ବାର୍ ଲାଗି ଚିଠା ବିଜ୍ଞପ୍ତି ବାହାରିଛେ ।

ମଧ୍ୟାହ୍ନ ଭୋଜନ ଖର୍ଚା ବଢଲା ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ପୋଷଣ ଯୋଜ୍‌ନାଥି ରାଜ୍ୟର୍ ସବୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନ ୯ ଆଉ ୧୦ ଶ୍ରେଣୀର୍ ଛୁଆମାନ୍‌କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଖର୍ଚ୍ଚା ବଢ଼ାଯାଇଛେ । ଆଗୋନୁ ଇଟା ଝନ୍‌ପିଛା ୧୦ ଟଙ୍କା ୯୪ ପଏସା ଥିବାର୍ ବେଲେ ଇହାଦେ ଇଟା ବଢ଼ିକରି ୧୪ ଟଙ୍କା ୭୪ ପଏସା ହେଇଛେ ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇଥିର୍ ଲାଗି ସବୁ ଜିଲ୍ଲା ଶିକ୍ଷାଧିକାରୀ ଆଉ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଚିଠି କରାଯାଇଛେ ।

ଦୁଲ୍‌ଦୁଲି ମହୋତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଆଉ ଓର୍‌ମାସ୍ ତର୍‌ଫୁ ସହରର୍ ବିଟିଏମ୍ ପଡ଼ିଆ ନ ଆଏଜ୍‌ଠାନୁ ଜିଲ୍ଲା ମହୋତ୍ସବ୍ ଦୁଲ୍‌ଦୁଲି ୨୦୨୬ ଆଉ ପଲ୍ଲିଶ୍ରୀ ମେଲା ମୁଲ୍ ହେଉଛେ । ୫ ଦିନ୍‌ତକ୍ ହେବାର୍‌କେ ଥିବା ମହୋତ୍ସବ୍‌ଥି ରାଜ୍ୟ ଆଉ ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ୍ ଦଲ୍‌ମାନେ କାର୍ଯ୍ୟକ୍ରମ ପ୍ରଦର୍ଶନ୍ କର୍‌ବେ ।

ଜିଲ୍ଲାପାଳ-ବିଦ୍ୟାଳୟ ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ୍ ଦାସଙ୍କର ଅଧ୍ୟକ୍ଷତାରେ ଜିଲ୍ଲା ମଙ୍ଗଳ ବିଭାଗ୍ ତର୍ଫୁ ପରିଚାଳିତ୍ ବିଦ୍ୟାଳୟମାନ୍କର କାମ୍କାଜ୍ର ସମୀକ୍ଷା ବୈଠକ୍ ହେଇଯାଇଛେ । ଇ ଅବ୍ସରେ ଜିଲ୍ଲାପାଳ ଶ୍ରୀ ଦାସ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଆଉ ଛାତ୍ରଛାତ୍ରୀମାନ୍କର ଭିତ୍ରେ ଶୃଜନ୍ଶୀଲ୍ତାର୍ ବିକାଶ ଉପ୍ରେ ଜୋର୍ ଦେଇଥିଲେ ।

ଗୃହ ପ୍ରବେଶ ଉତ୍ସବ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଭାଉସିଲ୍ ଗାଁ ନ ଶହେ ୭୩ଟାନୂଆ ଗୃହ ପ୍ରବେଶ କାର୍ଯ୍ୟକ୍ରମ ହେଇଯାଇଛେ । ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ଅଧିନ୍ଥି ଇ ସରକାରୀ ଆବାସ ଘର୍ ଜନଜାତି ହିତାଧିକାରୀମାନ୍ଙ୍କୁ ଯୁଗେଇ ଦିଆଯାଇଛେ ।

ପାଣି ପଂଚାୟତ୍ ପକ୍ଷ ପ୍ରସ୍ତୁତି ବଲାଙ୍ଗୀର ସମ୍ବାଦଦାତା

ବଲାଙ୍ଗୀର ଜଲ ସମ୍ପଦ ବିଭାଗ୍ ତର୍ଫୁ ଆଏବା ୬ନୁ ୨୦ ତାରିଖ୍ତକ୍ ଜିଲ୍ଲା ନ ପାଣି ପଂଚାୟତ୍ ପକ୍ଷ ପାଲନ୍ କରାଯିବା । ଜିଲ୍ଲାପାଳ ଗୌରବ ଶିବାଜୀ ଇସଲ୍ୱାଙ୍କର ଅଧ୍ୟକ୍ଷତାରେ ଇତାକେ ନେଇକରି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ବଛର୍ ପାଣି

ପଂଚାୟତ୍ ପକ୍ଷ ଆଏବା ୬ ତାରିଖ୍ ସବୁ ଡିଭିଜନ୍ ସ୍ତର ନ ଆଉ ୧୩ ତାରିଖ୍ ଜିଲ୍ଲା ସ୍ତର ନ ପାଲନ୍ କରାଯିବା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଆଏବା ୩ ଦିନ୍ ତକ୍ ଧିରେ ଧିରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ତକ୍ ବଢ଼୍ବା ଆଉ ଶୀତ୍ କମ୍ବା । ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର ବଡ଼୍ଭାଗି ଜାଗା ନ କୁହୁଡ଼ି ହେବା ବଲି ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।